රාଜସ୍ଥାନ ରାଜ୍ୟ

ବନାମ

ବାବୁ ଲାଲ୍

(2004 ର ଦେୱାନୀ ଆବେଦନ ସଂଖ୍ୟା 859)

ଏପ୍ରିଲ 21,2009

**[ଡ. ଅରିଜିତ ପଶାୟତ ଏବଂ ଅଶୋକ କୁମାର ଗାଙ୍ଗୁଲି, ନ୍ୟାୟମୂର୍ତ୍ତିଦ୍ୱୟ ]**

*ନିଶା ଏବଂ ମାଦକଦ୍ରବ୍ୟ ଆଇନ, 1985-ଧାରା 42 (2)-ବାଧ୍ୟତାମୂଳକ ଆବଶ୍ୟକତାକୁ ପାଳନ କରିବା-ବିପୁଳ ପରିମାଣର ବ୍ରାଉନ ସୁଗାର ରଖିବା- ଧାରା 8/11 ଅନୁଯାୟୀ ଦଣ୍ଡାଦେଶ-ଧାରା 42 (2) ଅନୁଯାୟୀ ଆବଶ୍ୟକତା ପାଳନ ନକରିବା ପାଇଁ ଉଚ୍ଚ ନ୍ୟାୟଳୟଙ୍କ ଦ୍ୱାରା ରଦ୍ଦ କରିବା -ହସ୍ତକ୍ଷେପ - ନିର୍ଣ୍ଣିତ :ଆଗ୍ରହୀ ନୁହଁ-ଉଚ୍ଚ ନ୍ୟାୟାଳୟ ଉକ୍ତ ସିଦ୍ଧାନ୍ତରେ ପହଞ୍ଚିବା ପାଇଁ ବିଭିନ୍ନ ତଥ୍ୟଗତ ଦିଗକୁ ଉଲ୍ଲେଖ କରିଛନ୍ତି-ମୌଖିକ ସୂଚନା ପ୍ରାପ୍ତିକୁ ପ୍ରମାଣ କରିବା ପାଇଁ ଆବଶ୍ୟକ ଦସ୍ତାବିଜ ନଥିଭୁକ୍ତ କରାଯାଇ ନାହିଁ ।*

ଫୌଜଦାରୀ ଆବେଦନ ଅଧିକାରିତା : 2004 ର ଫୌଜଦାରୀ ଆବେଦନ ସଂଖ୍ୟା 859 ।

ଏସ୍. ବି.ଫୌଜଦାରୀ ଆବେଦନ ସଂଖ୍ୟା 707/2002 ରେ ଯୋଧପୁରସ୍ଥିତ ରାଜସ୍ଥାନ ଉଚ୍ଚ ନ୍ୟାୟାଳୟର 17.10.2003 ତାରିଖର ରାୟ ଏବଂ ଆଦେଶରୁ ।

ମିଲିନ୍ଦ କୁମାର, ଆବେଦନକାରୀଙ୍କ ଓକିଲ।

ଅଶୋକ କୁମାର ସିଂହ, ଉତ୍ତରଦାତାଙ୍କ ଓକିଲ ।

ନ୍ୟାୟାଳୟର ରାୟ **ନ୍ୟାୟମୂର୍ତ୍ତି ଡ. ଅରିଜିତ ପଶାୟତ**ଙ୍କ ଦ୍ଵାରା ପ୍ରଦାନ କରାଯାଇଥିଲା । 1.ରାଜସ୍ଥାନ ଉଚ୍ଚ ନ୍ୟାୟଳୟର ଯୋଧପୁର ଖଣ୍ଡପୀଠର ଜଣେ ବିଦ୍ଵାନ ଏକକ ନ୍ୟାୟମୂର୍ତ୍ତିଙ୍କ ଦ୍ଵାରା ନିର୍ଦ୍ଦୋଷରେ ଖଲାସ ରାୟକୁ ଏହି ଆବେଦନରେ ଆପତ୍ତି କରାଯାଇଛି । ପ୍ରତିବାଦୀଙ୍କୁ ନିଶା  ଏବଂ ମାଦକଦ୍ରବ୍ୟ ଆଇନ, 1985 (ଏଠାରେ 'ଆଇନ୍' ଭାବରେ ଉଲ୍ଲେଖ କରାଯାଇଛି) ର ଧାରା 8/21 ଅନୁଯାୟୀ ଦଣ୍ଡନୀୟ ଅପରାଧ ପାଇଁ ଦୋଷୀ ସାବ୍ୟସ୍ତ କରାଯାଇଥିଲା । ଉତ୍ତରଦାତାଙ୍କ ପାଖରେ ବିପୁଳ ପରିମାଣର ବ୍ରାଉନ୍ ସୁଗର୍ ଥିବା ଜଣାପଡ଼ିଥିଲା ଏବଂ ବିଚାର କରୁଥିବା ନ୍ୟାୟାଳୟ ରାୟ ଦେଇଥିଲେ ଯେ ସମସ୍ତ ଆବଶ୍ୟକୀୟ ପ୍ରକ୍ରିୟା ଅନୁସରଣ କରାଯାଇଥିଲା ଏବଂ ତେଣୁ, ବିଚାର କରୁଥିବା ନ୍ୟାୟାଳୟ ଅନୁଯାୟୀ, ଅଭିଯୋଜନ ପକ୍ଷର କଥନ ପ୍ରମାଣିତ ହୋଇଥିଲା । ଉଚ୍ଚ ନ୍ୟାୟାଳୟ ଜାଣିବାକୁ ପାଇଲେ ଯେ ଅଧିନିୟମ  42 (2)ର ଆବଶ୍ୟକତାକୁ ପାଳନ କରାଯାଇନଥିଲା  ।

2. ଏହି ଉପସଂହାରରେ ପହଞ୍ଚିବା ପାଇଁ ଉଚ୍ଚ ନ୍ୟାୟଳୟଙ୍କ ଦ୍ଵାରା ବିଭିନ୍ନ ବାସ୍ତବ ଦିଗ ଉପରେ ଆଲୋକପାତ କରାଯାଇଛି ।

3. ରାଜ୍ୟ ପାଇଁ ବିଦ୍ଵାନ ଓକିଲ ନିବେଦନ କରିଥିଲେ ଯେ ପ୍ରକ୍ରିୟା ଅନୁସରଣ ନକରିବାରେ ଯଦି କିଛି ଛୋଟ ପରିବର୍ତ୍ତନ ଥାଏ,ତେବେ ଏହା ଦଣ୍ଡବିଧାନ ଉପରେ କୁପ୍ରଭାବ ପକାଇବ ନାହିଁ । ଅନ୍ୟପକ୍ଷରେ ଉତ୍ତରଦାତାଙ୍କ ବିଦ୍ଵାନ ଓକିଲ ଉଚ୍ଚ ନ୍ୟାୟାଳୟର ରାୟକୁ ସମର୍ଥନ କରିଥିଲେ ।

4. ଆମେ ଦେଖୁଛୁ ଯେ ଉଚ୍ଚ ନ୍ୟାୟାଳୟ ବିଭିନ୍ନ ତଥ୍ୟଗତ ଦିଗକୁ ଉଲ୍ଲେଖ କରିବା ପରେ ଏହି ଉପସଂହାର ପହଞ୍ଚିଛନ୍ତି ଯେ ଧାରା 42 (2) ର ବ୍ୟବସ୍ଥା ପାଳନ କରାଯାଇ ନଥିଲା । ମୌଖିକ ସୂଚନା ପ୍ରାପ୍ତିକୁ ପ୍ରମାଣ କରିବା ପାଇଁ ଆବଶ୍ୟକ

ଦସ୍ତାବିଜଗୁଡିକ ନଥିରେ ଅନ୍ତର୍ଭୁକ୍ତ କରାଯାଇ ନଥିଲା । ତେଣୁ, ଆମେ ଉଚ୍ଚ ନ୍ୟାୟାଳୟର ରାୟରେ ହସ୍ତକ୍ଷେପ କରିବାକୁ ଆଗ୍ରହୀ ନୁହଁ । ଆବେଦନଟି ବିଫଳ ହୁଏ ଏବଂ ସେହି ଅନୁଯାୟୀ ଏହାକୁ ଖାରଜ କରାଯାଏ ।

ଏନ୍. ଜେ. ଆବେଦନ ଖାରଜ ହେଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର :**
ସ୍ୱିଡିଲ୍ ନାୟକ,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।